# NATIONAL NEWS BULLETIN (ODIA)

**28 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନ୍ୟାୟ ଭିତ୍ତିକ ତଥା ବିକଶିତ ଭାରତ ଗଠନ ଦିଗରେ ଫରେନ୍‌ସିକ୍ ବିଜ୍ଞାନର ପ୍ରମୁଖ ଭୂମିକା ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ

- ଦେଶବ୍ୟାପୀ ଆଜି ପାଳିତ ହେଉଛି ଜାତୀୟ ବିଜ୍ଞାନ ଦିବସ ।

– ଉଭୟ ଜ୍ଞାନ ଓ ବିଜ୍ଞାନ ମିଳିତ ଭାବେ ପ୍ରତ୍ୟେକ ସମସ୍ୟାର ସମାଧାନ ଲାଗି ଦ୍ୱାର ଉନ୍ମୁକ୍ତ କରିଥାଏ, କହିଲେ ପ୍ରଧାନମନ୍ତ୍ରୀ

- ଚଳିତବର୍ଷ ଶେଷ ସୁଦ୍ଧା ଯକ୍ଷ୍ମାରୋଗର ମୂଳୋତ୍ପାଟନ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ସୂଚନା

- ଭାରତ ଓ ୟୁରୋପୀୟ ୟୁନିୟନ୍ ମଧ୍ୟରେ ଚଳିତବର୍ଷ ଶେଷ ସୁଦ୍ଧା ସ୍ୱାକ୍ଷରିତ ହେବ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

ଏବଂ

- ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କର ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଆଜି ଭୁବନେଶ୍ୱରଠାରେ ସମ୍ପନ୍ନ ହେବ ଶେଷକୃତ୍ୟ

---

## ପ୍ରେଜ୍

ଏକ ନ୍ୟାୟ ଭିତ୍ତିକ ତଥା ବିକଶିତ ଭାରତ ଗଠନ ଦିଗରେ ଫରେନ୍‌ସିକ୍ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ରାଷ୍ଟ୍ରପତି ଦ୍ରୌପଦୀ

ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ଆଜି ଗୁଜରାଟର ଗାନ୍ଧିନଗରସ୍ଥିତ ଜାତୀୟ ଫରେନ୍ସିକ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଅପରାଧ ନିୟନ୍ତ୍ରଣ ଏବଂ ସମୟୋପଯୋଗୀ ନ୍ୟାୟ ପ୍ରଧାନ କ୍ଷେତ୍ରରେ ଫରେନ୍ସିକ୍ ବିଜ୍ଞାନର ଉପଯୁକ୍ତ ବିନିଯୋଗ ଉପରେ ଶ୍ରୀମତୀ ମୁର୍ମୁ ଗୁରୁତ୍ୱ ଦେଇଛନ୍ତି । ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସମାଜର ଅବହେଳିତ ସଂପ୍ରଦାୟଙ୍କ ପ୍ରତି ନ୍ୟାୟ ପ୍ରଦାନ ଦିଗରେ ଅଧିକ ଯତ୍ନବାନ ହେବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

**V/O**

ସେହିପରି ଆଧୁନିକତାର ଢ଼ାଞ୍ଚାରେ ଭାରତୀୟ ଐତିହ୍ୟର ସଂରକ୍ଷଣ ଓ ସମସ୍ତଙ୍କ ପ୍ରତି ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ସହିତ ବିକଶିତ ଭାରତ ଗଠନ ଉପରେ ରାଷ୍ଟ୍ରପତି ଆଲୋକପାତ କରିଛନ୍ତି ।

---

# ନ୍ୟାସନାଲ୍ ସାଇନ୍ସ ଡେ

ବିଜ୍ଞାନର ଉପାଦେୟତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ସହିତ ଏ ସଂପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସାରା ଦେଶରେ ଆଜି ପାଳନ କରାଯାଉଛି ଜାତୀୟ ବିଜ୍ଞାନ ଦିବସ । ବିଶିଷ୍ଟ ପଦାର୍ଥ ବିଜ୍ଞାନ ସାର୍ ସି.ଭି. ରମଣଙ୍କ ଦ୍ୱାରା (ରମଣ ଇଫେକ୍ଟ)ର ଆବିଷ୍କାରର ସ୍ମୃତିରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳନ କରାଯାଏ । ଏହି ଆବିଷ୍କାର ପାଇଁ ସି.ଭି. ରମଣଙ୍କୁ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଜାତୀୟ ବିଜ୍ଞାନ ଦିବସରେ ସାରା ଦେଶରେ ବିଜ୍ଞାନ ବିଷୟ ଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଚଳିତ ବର୍ଷ ଜାତୀୟ ବିଜ୍ଞାନ ଦିବସର ବାର୍ତ୍ତା ରହିଛି –

**"ବିକଶିତ ଭାରତ ପାଇଁ ଉଦ୍ଭାବନ ଓ ବିଜ୍ଞାନ କ୍ଷେତ୍ରରେ ବିଶ୍ୱ ନେତୃତ୍ୱ ପାଇଁ ଭାରତୀୟ ଯୁବକମାନଙ୍କୁ ସଶକ୍ତ କରିବା"** ।

## ପିଏମ୍-ସାଇନ୍ସ ଡେ

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଯେ, ଜିଜ୍ଞାସା ହେଉଛି ବିଜ୍ଞାନର ଜନନୀ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିଜ୍ଞାନ ଏବଂ ଜ୍ଞାନ ମିଳିତ ଭାବେ ପ୍ରତ୍ୟେକ ସମସ୍ୟାର ସମାଧାନର ଦ୍ୱାର ଉନ୍ମୁକ୍ତ କରିଥାଏ । ବିଜ୍ଞାନ ଏବଂ ନବସୃଜନକୁ ଲୋକପ୍ରିୟ କରିବା ସହିତ ଏହାର ଲାଭ ଉଠାଇ ଏକ ବିକଶିତ ଭାରତ ଗଠନ କରିବା ଲାଗି ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

## ନଡ୍ଡା- ପବ୍ଲିକ୍ ହେଲ୍ଥକେୟାର ସିଷ୍ଟମ୍

ଦେଶରୁ ଚଳିତବର୍ଷ ଶେଷ ସୁଦ୍ଧା ଯକ୍ଷ୍ମାରୋଗର ମୂଳୋତ୍ପାଟନ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି । ସେ କହିଛନ୍ତି, ଏହାର ଭୟାବହତାକୁ ଦୃଷ୍ଟିରେ ରଖି ୨୦୩୦ ମସିହା ସୁଦ୍ଧା ଏହି ରୋଗକୁ ସଂପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିବା ଲାଗି ସମଗ୍ର ବିଶ୍ୱ ପ୍ରତିଜ୍ଞାବଦ୍ଧ ।

ଆଜି ପୁରୀଠାରେ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ, ପ୍ରୟୋଗଯୋଗ୍ୟ ପ୍ରକ୍ରିୟା ଓ ଅଭିନବତା ସଂପର୍କିତ ନବମ ଜାତୀୟ ଶିଖର ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି ୨୦୧୭ ମସିହାରେ କେନ୍ଦ୍ର ସରକାର ଏକ ନୂତନ ସ୍ୱାସ୍ଥ୍ୟନୀତି

ଆପଣେଇବା ପରେ ଏ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହାର ଫଳସ୍ୱରୂପ ଦେଶରେ ମାତୃ ମୃତ୍ୟୁହାର ବିଶ୍ୱସ୍ତରୀୟ ହାରଠାରୁ ପ୍ରାୟ ଦୁଇଗୁଣ ହ୍ରାସ ପାଇଛି । ସେହିଭଳି ଭାରତରେ ମ୍ୟାଲେରିଆ ରୋଗ ମଧ୍ୟ ଅନେକାଂଶରେ ନିୟନ୍ତ୍ରଣାଧୀନ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ଦେଶରେ କ୍ୟାନସର ରୋଗୀଙ୍କର ଚିକିତ୍ସା ଲାଗି ପ୍ରତ୍ୟେକ ଜିଲ୍ଲାରେ **ଡେ କେୟାର** କେନ୍ଦ୍ର ସ୍ଥାପନ କରାଯିବ, ଯେଉଁଠାରେ କି ଏହି ରୋଗ ନିରୂପଣ ହେବାର ୩୦ ଦିନ ମଧ୍ୟରେ ଚିକିତ୍ସା ଯୋଗାଇ ଦିଆଯିବ।

**V/O**

ଏହି ଦୁଇଦିନିଆ ସମ୍ମିଳନୀରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ସମେତ ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଓ ସଚିବମାନେ ଯୋଗ ଦେଇଛନ୍ତି ।

---

# ଇଣ୍ଡିଆ-ୟୁରୋପିୟନ୍ ୟୁନିୟନ୍

ଭାରତ ଓ ୟୁରୋପୀୟ ୟୁନିୟନ୍ ମଧ୍ୟରେ ଚଳିତବର୍ଷ ଶେଷ ସୁଦ୍ଧା ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ଦିଗରେ ପଦକ୍ଷେପ ନିଆଯାଉଛି । ଆଜି ନୂଆଦିଲ୍ଲୀଠାରେ ୟୁରୋପ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲିଏନ୍ ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସେ ଏଥିଲାଗି ସମ୍ମତି ପ୍ରଦାନ କରିଛନ୍ତି । ଭାରତ ଓ ୟୁରୋପୀୟ ୟୁନିୟନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଏହି କ୍ଷେତ୍ରରେ ସମଗ୍ର ବିଶ୍ୱରେ ସର୍ବବୃହତ ଚୁକ୍ତିନାମା ହେବ ବୋଲି ସେ କହିଛନ୍ତି । ସେହିଭଳି ଭାରତ- ମଧ୍ୟପ୍ରାଚ୍ୟ ୟୁରୋପ କରିଡରକୁ ଅଧିକ ସକ୍ରିୟ କରିବା ଦିଗରେ ଉଭୟ ଭାରତ ଓ ୟୁରୋପୀୟ ୟୁନିୟନ ନିକଟରେ

ଐତିହାସିକ ସୁଯୋଗ ରହିଛି । ସେହିଭଳି ନିରାପତ୍ତା ଏବଂ ପ୍ରତିରକ୍ଷା ଲାଗି ୟୁରୋପ ଅଧିକ ଦାୟିତ୍ୱ ନେବାକୁ ପ୍ରସ୍ତୁତ ବୋଲି ଲିଏନ୍ କହିଛନ୍ତି ।

---

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ଦ୍ୱିତୀୟ ଭାରତ-ୟୁରୋପୀୟ ୟୁନିୟନ୍ ବାଣିଜ୍ୟ ଓ ବୈଷୟିକ ଜ୍ଞାନକୌଶଳ ପରିଷଦ ବୈଠକରେ ଅଂଶ ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି ବୈଠକରେ ବାଣିଜ୍ୟ ଏବଂ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଓ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗ ଦେଇଛନ୍ତି । ୟୁରୋପୀୟ କମିଶନର ବୈଷୟିକ ଜ୍ଞାନକୌଶଳ ନିରାପତ୍ତା କାର୍ଯ୍ୟନିର୍ବାହୀ ଉପସଭାପତି ହେନା ଭିର୍‌କୁନେନ୍, ବାଣିଜ୍ୟ ଓ ଅର୍ଥନୀତି ନିରାପତ୍ତାର କମିଶନର ମାରୋସ୍ ସେପ୍‌କୋଭିକ୍, ଗବେଷଣା ଓ ଅଭିନବତା ଏବଂ ଷ୍ଟାର୍ଟଅପ୍ ର କମିଶନର ଏକାଟେରିନା ଜାହାରିଭା ମଧ୍ୟ ଏହି ଦ୍ୱିପକ୍ଷୀୟ ପ୍ରତିନିଧିସ୍ତରୀୟ ବୈଠକରେ ଅଂଶ ଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ବୈଠକରେ ମୁଖ୍ୟତଃ ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତା, ବୈଦ୍ୟୁତିକ ଯାନ, 6-G, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆପୋଷ ସ୍ୱାର୍ଥ ଜଡ଼ିତ ବ୍ୟବସାୟିକ କ୍ଷେତ୍ର ଆଦି ପ୍ରସଙ୍ଗ ଉପରେ ଦୁଇପକ୍ଷ ମଧ୍ୟରେ ବିସ୍ତୃତ ଆଲୋଚନା କରାଯାଇଛି । ଏତଦ୍‌ବ୍ୟତୀତ ସ୍ୱଚ୍ଛ ଓ ସବୁଜଶକ୍ତି, ବାଣିଜ୍ୟ, ପୁଞ୍ଜି ନିବେଶ, ଡିଜିଟାଲ ଭାଗିଦାରୀ ଏବଂ ନିରନ୍ତର ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ଉପରେ ମଧ୍ୟ ଏହି ବୈଠକରେ ସମୀକ୍ଷା କରାଯାଇଛି । ଆଜିର ଏହି ଆଲୋଚନା ଆଗାମୀ ଦିନରେ ଭାରତ ସହ ୟୁରୋପୀୟ ୟୁନିଅନ୍‌ର ବାଣିଜ୍ୟ, ବୈଷୟିକ ଜ୍ଞାନକୌଶଳ ଏବଂ ଅର୍ଥନୀତି କ୍ଷେତ୍ରକୁ ଅଧିକ ସଶକ୍ତ କରିବ

ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି ।

## ପିୟୁଷ ଗୋୟଲ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଆଜି ନୂଆଦିଲ୍ଲୀଠାରେ ବାଣିଜ୍ୟ ଓ ଅର୍ଥନୀତି ନିରାପତ୍ତା ସଂପର୍କିତ ୟୁରୋପୀୟ କମିଶନର ମ୍ୟାରୋସ୍ ସେପ୍‌କୋଭିକ୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି, ଏହି ବୈଠକରେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଏବଂ ବାଣିଜ୍ୟ ଓ ବୈଷୟିକ ଜ୍ଞାନକୌଶଳ ପରିଷଦର ଅଗ୍ରଗତି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ଆଗାମୀ ଦିନରେ ବିଶ୍ୱସ୍ତ ଭାଗିଦାରୀ ଭାବେ ଭାରତ ଓ ୟୁରୋପୀୟ ୟୁନିୟନ୍ ବାଣିଜ୍ୟ ଏବଂ ପୁଞ୍ଜି ନିବେଶ କ୍ଷେତ୍ରରେ ଏକ ନୂତନ ଶିଖର ଛୁଇଁବ ବୋଲି ଶ୍ରୀ ଗୋୟଲ ଆଶା ବ୍ୟକ୍ତ କରିଛନ୍ତି ।

## ଓଡ଼ିଆ ଆକ୍ଟର ଡାଏସ୍

ସ୍ୱନାମଧନ୍ୟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କର ଆଉ କିଛି ସମୟ ପରେ ଭୁବନେଶ୍ୱରସ୍ଥିତ ସତ୍ୟନଗର ଶ୍ମଶାନଘାଟରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଶେଷକୃତ୍ୟ ସଂପନ୍ନ ହେବ । ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ହୋଇ ସେ ଗୁରୁଗାଓଁର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେବା ସମୟରେ ଗତକାଲି ରାତିରେ ତାଙ୍କର ବିୟୋଗ ଘଟିଥିଲା ।

୬୬ ବର୍ଷ ବୟସ୍କ ଉତ୍ତମ  ୧୩୦ଟିରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ଏଥିସହିତ

ସେ ୩୦ଟି ବଙ୍ଗଳା ଚଳଚ୍ଚିତ୍ର ଏବଂ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ର ନୟା ଜହରରେ ମଧ୍ୟ ଅଭିନୟ କରିଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ କଳା ଜଗତ ପାଇଁ ଏହା ଅପୂରଣୀୟ କ୍ଷତି ବୋଲି କହିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ଯେ ଶ୍ରୀ ମହାନ୍ତି ଏକାଧିକ ଓଡ଼ିଆ ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରି ଅଗଣିତ ଦର୍ଶକଙ୍କର ହୃଦୟ ଜିତିଛନ୍ତି । ଓଡ଼ିଆ ଚଳଚ୍ଚିତ୍ରର ବିକାଶରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ରାଜନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

---

# ଚମ୍ପିୟାନ୍ସ ଟ୍ରଫି

ଆଇସିସି ଚାମ୍ପିୟାନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍ -ବି ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଆଫଗାନିସ୍ତାନ-ଅଷ୍ଟ୍ରେଲିଆ ମଧ୍ୟରେ ଆଜି ମୁକାବିଲା ହେବ । ଭାରତୀୟ ସମୟ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଲାହୋରର ଗଦାଫି ଷ୍ଟାଡିୟମରେ ଖେଳାଯିବ । ଗତକାଲି ରାଓଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମରେ ହେବାକୁ ଥିବା ପାକିସ୍ତାନ-ବାଂଲାଦେଶ ମଧ୍ୟରେ ମ୍ୟାଚ୍‌ଟି ଅବିଶ୍ରାନ୍ତ ବର୍ଷା ଯୋଗୁଁ ବାତିଲ ହୋଇଥିଲା । ପ୍ରତ୍ୟେକ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି । ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଥର ପାଇଁ ବର୍ଷା ଲାଗି ଏଭଳି ମ୍ୟାଚ୍ ବାତିଲ ହୋଇଛି । ଗତ ମଙ୍ଗଳବାର ଦିନ ମଧ୍ୟ ରାଓଲପିଣ୍ଡିଠାରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ଟି ହୋଇପାରି ନଥିଲା । ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ୨୯ ବର୍ଷ ମଧ୍ୟରେ ପ୍ରଥମଥର

ଲାଗି ଆୟୋଜକ ପାକିସ୍ତାନ ଗୋଟିଏ ବି ବିଜୟ ହାସଲ କରି ନପାରି ଏଥିରୁ ବାଦ୍ ପଡ଼ିଛି । ବାଂଲାଦେଶ ମଧ୍ୟ ଅନୁରୂପ ଭାବେ ବାଦ ପଡ଼ିଛି ।